ISSN: 2456-9194, Vol. II, Issue. II, Sept 2018

ପ୍ରତ୍ୟୟ

(Journal of Odia Language, Culture and Science)

JournalHomepage:http://cphfs.in/research.php



# ସନ୍ଥକବି କବୀର ଓ ଭୀମଭୋଇ: ତୁଳନାତ୍ମକ ଅଧ୍ୟୟନ

**ସଂଘମିତ୍ରା ବେହେରା**

ଅଧ୍ୟାପିକା, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,

ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ – ୨ ୯

E-mail: sanghamitraoriya@gmail.com

***ସଂକ୍ଷିପ୍ତ ପରିଚୟ*** - *ଭାରତୀୟ ପରଂପରାରେ ମଧ୍ୟକାଳୀନ ସମୟରେ କବୀରଙ୍କ ଓ ଓଡିଶାର ପଶ୍ଚିମାଞ୍ଚଳରେ ଜନ୍ମ ଲାଭ କରିଥିବା ସନ୍ଥ କବି ଭୀମଭୋଇଙ୍କ ମଧ୍ୟରେ ବହୁ ସାମଞ୍ଜସ୍ୟ ରହିଛି । ଉଭୟଙ୍କର ଉପାସନା ମଧ୍ୟ ଅରୂପ, ଅଣାକାର, ନିରାକାର, ମହିମା, ନିରଞ୍ଜୟ । ଉଭୟ ସନ୍ଥକବିଙ୍କର ଅରୂପର ସତ୍ତା ଏକ ଓ ଅଭିନ୍ନ । ଉଭୟଙ୍କ ଭକ୍ତି ଓ ଜ୍ଞାନର ଏକ ସମନ୍ୱୟ ଦେଖିବାକୁ ମିଳେ ।*

***ପ୍ରମୁଖଶବ୍ଦାବଳୀ*-(Keywords)** - *କବୀର, ଭୀମଭୋଇ, ମହିମା ଧର୍ମ, ଅବଧୂ ଯୋଗୀ*

ଭାରତୀୟ ପରଂପରାରେ ମଧ୍ୟକାଳୀନ ସମୟରେ କବୀରଙ୍କ ଜନ୍ମ ପ୍ରସଙ୍ଗକୁ ନେଇ ଯେପରି ବିତର୍କ ଆସେ, ସେହିପରି ଓଡିଶାର ପଶ୍ଚିମାଞ୍ଚଳରେ ଜନ୍ମ ଲାଭ କରିଥିବା ସନ୍ଥ କବି ଭୀମଭୋଇଙ୍କ ନିମନ୍ତେ ମଧ୍ୟ ଶୁଣିବାକୁ ମିଳିଥାଏ । ଉଭୟଙ୍କ ମଧ୍ୟରେ ତଫାତ୍ ହେଉଛି କବୀରଙ୍କ ଜନ୍ମ ପଞ୍ଚଦଶ ଶତାବ୍ଦୀ (ଆନୁମାନିକ ୧୪୫୫ ରୁ ୧୫୭୫) ଏବଂ କବି ଭୀମଭୋଇଙ୍କର ସମୟ ଊନବିଂଶ ଶତାବ୍ଦୀ (ଆନୁମାନିକ ୧୮୫୦-୧୮୯୫) । ଉଭୟଙ୍କ ରଚନାର ଭାବଧାରା ପ୍ରାୟତଃ ସମାନ । ଏଠାରେ ତାହାର ଏକ ତୁଳନାତ୍ମକ ବିଚାର କରାଯାଇପାରେ ।

ଅବଧୂତ ପ୍ରସଙ୍ଗରେ କବୀରଙ୍କର ମତ :
"ଅବଧୂ, ସୋ ଯୋଗୀ ବୁରୁ ମେରା,
ଜୋ ୟୋ ପଦ କୌ କରେ ନିବେରା ।
ତରବର ଏକ ପେଡ ବିନ ଠାଢ଼ା,
ଇନ 'ଫୁଲାଁ ଫଲ ଲାଗା
ଶାବ୍ରଶହାର କେ ରୂପ ନ ରେଖା,
ସତଗୁରୁ ହୋଇ ଲଖାବୈ ।।
(କବୀର ଗ୍ରନ୍ଥାବଳୀ ପଦ ୧୬୫)

ସନ୍ଥ କବି ଭୀମଭୋଇଙ୍କ ରଚନାରେ ଅବଧୂତ ପ୍ରସଙ୍ଗ:

"ଅବଧୂତ ସ୍ୱାମୀ ଅଲେଖ ଅବର୍ଣ୍ଣ ଅରୂପ ଅନାମ ଦୀକ୍ଷା ।
ହରତା କରତା ଜ୍ଞାନଗୁରୁ ଦାତା ଗତିପତି ସ୍ୱାମୀ ଏକା ।
ପ୍ରାଣର ବଲ୍ଲଭ ଜଗତ ବାନ୍ଧବ ଜୀବ ପ୍ରାଏ ଅଙ୍ଗେବସି ।
ଏଡେ ବଡ ପ୍ରଭୁ ବାନା ଥାଉଁଥାଉଁ ବିଅର୍ଥେ ଯାଉଛିଭାସି ।
(ସ୍ତୁ. ଚି ପୃ ୬୩)

ଏ ସଂପର୍କରେ ହିନ୍ଦୀ ସମାଲୋଚକ ହରପ୍ରସାଦ ଶାସ୍ତ୍ରୀଙ୍କ ମତ – "ୱେ ଅବଧୂ ୟୋଗୀ କୋ ଜଗସେ ନ୍ୟାରା (ନିଆରା) ମାନତେ ହେଁ । ବହ ମୁଦ୍ରା, ନିରତି, ସୁରତ ଔର ସୀଂଗୀ ଧାରଣ କରତା ହେ । ନାଦ ସେ ଧାରା କୋ ଖଣ୍ଡିତ ନହିଁ କରତା, ଗଗନ ମଣ୍ଡଲ ମେଁ ବସତା ହେ ଔର ଦୁନିୟା କୀ ଔର ଦେଖଥା ଭୀ ନହାଁ । ବହ ଚୈତନ୍ୟ କୀ ଚୌକୀ ପର ବିରାଜତା ହେ, ଆକାଶ ପର ଚଢ଼ା ହୁଆ ଭୀ ଆସନ ନହାଁ ଛୋଡତା, ମହାମଧୁର ରସ କା ପାନ କରତା ରହତା ହେ ।" (କବୀର ପୃ. ୩୧) କବି ଭୀମଭୋଙ୍କର ଅବଧୂତ ତଥା ଗୁରୁ ମହିମା ଗୋସାଇଁଙ୍କ ରୂପ ଠିକ୍ ଏହିପରି ସ୍ତୁତି ଚିନ୍ତାମଣି ଏକବିଂଶ ବୋଲିରେ ଉଲ୍ଲେଖ ରହିଛି । କବୀରଙ୍କ ଅବଧୂତ ଭଳି କବି ଭୀମଭୋଇଙ୍କ ଅବଧୂତ ମଧ୍ୟ ଅଭିନ୍ନ:

ସବୁଠାରୁ ଆସି ଏକାନ୍ତରେ ମିଶି ଗୋଳିଆ ହୋଇଛି ପାଣି।
ଆଦି ଅବଧୂତ କରିବେ ପବିତ୍ର ଜ୍ଞାନ ଖଡଗରେ ହାଣି ।
(ସ୍ତୁ. ଚି- ପୃ ୩୭)

ନିରଞ୍ଜନ ପ୍ରସଙ୍ଗରେ କବୀରଙ୍କ ରହିଚି –

"ରୂପରେଖ କେହୀ ହୈ ନହୀଁ ଅଧର ଧରୌ ନହୀଁ ଦେହ
ଗଗନ ମଁଡଲ କେ ମଧ ମେଁ ରହତା ପୁରୁଷ ବିଦେହ ।
(କବୀର ଦୋହାବଳୀ/ ପୃ-୧୯)

**କର୍ତ୍ତା ନିର୍ଣ୍ଣୟ**

ଊନବିଂଶ ଶତାବ୍ଦୀର ଶତାବ୍ଦୀର ରାଜ ରୋଷର ଶିକାର ହୋଇ କବିଙ୍କର ବିଶୁଦ୍ଧ ଅଦ୍ୱୈତ ଭକ୍ତି ଭାବର ଆକୁଳ ଆବେଦନ ରହିଛି –

ଅରୂପ ଶରୀର ରୂପ ନାହିଁଯାର କେମନ୍ତେ ଚିହ୍ନିବି ମୁହିଁ ।
ଦୟା କରି ମୋତେ ଦରଶନ ଦିଅ ଅନ୍ତର୍ଯ୍ୟାମୀ ଶୂନ୍ୟ ଦେହୀ ।

ଉଭୟ ସନ୍ଥକବିଙ୍କର ଅରୂପର ସତ୍ତା ଏକ ଓ ଅଭିନ୍ନ । "ଯାହାର ମସ୍ତକ ନାହିଁ, ରୂପ କୁରୂପ ବି ନାହିଁ, ପୁଷ୍ପର ସୁଗନ୍ଧଠାରୁ ବି ଯେ ପତଳା ଅର୍ଥାତ୍ ସୂକ୍ଷ୍ମ, ସେହି ପ୍ରଭୁ ଏମିତି, ଯାହାର ଆଉ କିଛି ଉପମା ନାହିଁ । ଦେହରେ ବିଦେହ ଅଛି । ପ୍ରଭୁ ସୁରତିରେ (ମନଧ୍ୟାନ) ଅନ୍ତରରେ ଥାଇ, ଅର୍ଥାତ୍ ଅଣୁରେ ଅଣୁରେ ସର୍ବତ୍ର ବିଦ୍ୟମାନ ହୋଇ ବିଳାସ କରନ୍ତି ।" ଶୂନ୍ୟ, ଅଦେହୀ ଏବଂ ଶୂନ୍ୟବାସୀଙ୍କୁ ସେମାନେ ନିଜର କରିଛନ୍ତି ।

'ପରିଚୟ' ଦୋହାରେ କବିଙ୍କ ଅଲେଖ, ଅଜପା ପ୍ରସଙ୍ଗ ଉପରେ କହିବା ବେଳେ ସ୍ୱୀକାର କରିଛନ୍ତି –

"ସୁରତ ସମାନି ନିରତି ଅଜପା ମାହିଁ ଜାଣ
ଲେଖ ସମୟା ଅଲେଖ ମେଁ ଆପା ମାହିଁ ଆପା ।"
(କେ. ଦୋ. ପୃ-୨୯)

ଏହି କ୍ଷେତ୍ରରେ ଓଡ଼ିଆ କବିଙ୍କ ଚେତନାର ସ୍ୱର ଗୁଞ୍ଜରି ଉଠିଛି –

"ଅନୁଭବେ ଖୋଜି ଅନ୍ତର୍ଗତେ ହେଜି
ପଞ୍ଚତତ୍ତ୍ୱ ମନେ ଭାଳି

ଏକା ମୋ ଅଲେଖ ଫେଡିବେ ମୋ ଦୁଃଖ ଛାମୁରେ ଗୋଚର କଲି। ସେହିପରି ଉଭୟ କବି ଈଶ୍ୱରଙ୍କୁ ବର୍ଣ୍ଣନାରେ ଓ ଚର୍ମ ଚକ୍ଷୁରେ ଦେଖିବାରେ ଅକ୍ଷମ। ଅନୁଭବ ଓ ଦେହରୁ ଦେହାତୀତକୁ ଯିବା ପାଇଁ ଯେଉଁ ପ୍ରୟାସ ଓ ଅତିଚେତନାର କଥା କହିଛନ୍ତି ସେଥିରେ କିଛି ସାମଞ୍ଜସ୍ୟ ପରିଲକ୍ଷିତ ହୁଏ ।

"କବୀରା ଦେଖା ଏକ ଅଁଗ ମହିମା କହୀନ ଜାୟ
ତେଜପୁଁଜ ପରସାଧନ ନୈଁନୋ ରହା ସମୟା ।"

ଭୀମଭୋଇଙ୍କ ଉକ୍ତିରେ –
ଜୟ ଜୟ ଜ୍ୟୋତି ରୂପରେ ବିଖ୍ୟାତ ଶୂନେ ଯା ଉଡୁଛି ବାନା ।
କୃପା କଟାକ୍ଷ ତ ଅରୂପେ ବିଦିତ ଭଗତ ଦୁଃଖ ଖଣ୍ଡନା ।

ଉଭୟ କବି 'ନାମ' ଉପରେ ଗୁରୁତ୍ୱ ଦେଇଛନ୍ତି । ଆଦି ନାମକୁ ଯେ ଯେ ବୁଝିପାରେ ସେ ହଂସ ପରି । (ଆତ୍ମାକୁ ହଂସ ସହିତ ତୁଳନା କରାଯାଏ । ଓଡ଼ିଆ କବିତାର ମଧ କାରଣ ହଂସ ପୁଅ ମିଶ୍ରିତ ପାଣିରୁ କେବଳ ଦୁଧକୁ ଶୋଷିପାରେ) । ଆତ୍ମତତ୍ତ୍ୱକୁ କବି ଗୁରୁତ୍ୱ ପ୍ରଦାନ କରିଛନ୍ତି । ଆଦିନାମ ମୂଳ ଓ ଅନ୍ୟ ମତଗୁଡିକ ଡାଳପରି। ଏ ନାମ ନଧରି ମଣିଷ ସଂସାରରେ କ୍ରୋଧ ଅହଂବଶତଃ ପୂର୍ବକୁ କାଳ ଓ ମୃତ୍ୟୁ ଭିତରେ ଦେଇ ଗତି କରୁଛି। ଏହିଠାରେ କବି ଭୀମ ଭୋଇଙ୍କର ମୁକ୍ତ କଣ୍ଠରେ ସ୍ୱୀକାରୋକ୍ତି -

"ଜଗତ ଆବୋରି ପୂରିଅଛି ହରିନାମ ବ୍ରହ୍ମତେଜ ।
ଅଜ୍ଞାନୀକି ମେରୁ ସୁଜ୍ଞାନୀକି ସରୁ ନୁହଇ ଉଶ୍ୱାସ ବୋଝ ।

(ସ୍ତୁ.ଚି ପୃ ୧)

ସେହିପରି କବୀରଙ୍କର 'ସତ୍ୟତା' ଦୋହାରେ ସତ୍ୟର ସ୍ୱରୂପ ରହିଛି –

ସାଁଚ ବରାବର ତପନହୀଁ ଝୁଂ ବରାବର ପାପ
ଜାକେ ହିରଦେ ସାଁଚ – ହୈତା ହିରଦେ ଗୁରୁ ଆପ ।
ସାଁଚେ ସୌଦା କୀଜିୟେ ଅପନେ ମନମେଁ ଜାନି
ସାଁଚେ ହୀରା ପାଇୟେ ଝୁଠେ ମୂରୌ ହାନି ।
(କେ.ଦୋ- ପୃ ୧୧୮)

ସତ ପରି ତପସ୍ୟା ନାହିଁ କି ମିଛ ସମାନ ଆଉ ପାପ ନାହିଁ । ଯେଉଁମାନଙ୍କ ହୃଦୟରେ ସତ୍ୟ ଥାଏ, ତାଙ୍କର ହୃଦୟର ସ୍ୱୟଂ ପରମେଶ୍ୱର ବିରାଜିତ ହୋଇ ରହିଥାନ୍ତି । 'ସ୍ତୁତି ଚିନ୍ତାମଣିର' ୮୨ ବୋଲିରେ କବି ଭୀମଭୋଇଙ୍କ ସତ୍ୟର ସ୍ୱରୂପ ଠିକ୍ କବୀରଙ୍କର ସତ୍ୟର ସ୍ୱରୂପ ପରି

"ସତ୍ୟଧର୍ମ ଧର ସତ୍ୟଧର୍ମ କରି ସତ୍ୟେକର ଗୁରୁସେବ ।
ପ୍ରସନ୍ନ ହୋଇବେ ଅଲେଖ ଦେବତା ନିଶ୍ଚୟ ମୁକତି ଦେବା ।
ସତ୍ୟରେ କହିବ ସତ୍ୟେ ରହିଥିବ ସତ୍ୟରେ ଯିବ ଆସିବ।
ସତ୍ୟ କର୍ମରେ ଯେତେ କୀରତିମାନ ଯୁଗେ ଯୁଗେ ରହିଥିବ। (ସ୍ତୁ.ଚି- ପୃ ୧୬୩)

ଏହା ବ୍ୟତୀତ କବି ଭୀମଭୋଇଙ୍କ ଆଲେଖ ନିରଞ୍ଜନ ଶବ୍ଦଟି କବୀରଙ୍କ ଦୋହାରେ ଉଲ୍ଲେଖ ସଂପର୍କରେ 'ସ୍ତୁତି ଚିନ୍ତାମଣି' ୯୮ ବୋଲିରେ ସ୍ୱୀକାର କରିଛନ୍ତି "ମହିମାସାଗର ଧର୍ମ ଏ ସଂସାରେ ପୂର୍ବରୁ ହୋଇଛି ଶୁଣା।" 'ମହିମା' ଶବ୍ଦଟି ଅରୂପ, ଅଣାକାର, ନିରାକାର, ଅଲେଖ ସର୍ବବିଧ ନାମକୁ ଗ୍ରହଣ କରିଛି । ପଞ୍ଚସଖା ଯୁଗରେ ଓଡ଼ିଆ ସନ୍ଥକବି ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ, ଚୈତନ୍ୟ ଦାସ ପ୍ରମୁଖ ଏହି ଶବ୍ଦକୁ ନିର୍ଗ ଗ୍ରହଣ କରିଥିଲେ । ଯାହା ନିର୍ଗୁଣଧାରାର ପରିଚୟ ମଧରେ ଅର୍ନ୍ତନିହିତ ହୋଇଥିଲା, ମାତ୍ର ଏହି ଶବ୍ଦ କାଳକ୍ରମେ ଏକ ବିଶୁଦ୍ଧ ଅଦ୍ୱୈତବାଦ ଧର୍ମ ଭାବେ ଊନବିଂଶ ଶତାବ୍ଦୀରେ ସଂଘୀୟ ବ୍ୟବସ୍ଥାରେ ରୂପାନ୍ତରିତ ହେଲା ଏବଂ ଏହାର ଆବାହକ ଭାବେ ମହିମା ଗୋସାଇଁଙ୍କୁ ଗ୍ରହଣ କରାଯାଏ । ଓଡ଼ିଶା ମାଟିରେ ଏହି ଧର୍ମଟି ଜନ୍ମ ନେଇ ବ୍ରାତ୍ୟ ଶ୍ରେଣୀକୁ ପ୍ରଥମେ କରି ଦୀକ୍ଷିତ କରିଥିଲା । ଅଦ୍ୟାବଧି ଏହି ଧର୍ମଟି ଓଡ଼ିଶାମାଟିରୁ ପଶ୍ଚିମବଙ୍ଗ, ଛତିଶଗଡ, ବିହାର କିଛି ଅଂଚଳରେ ମଧ ରହିଛି । ମହିମା ଧର୍ମାବଲମ୍ବୀମାନେ ଯାହାକୁ ଦେଖନ୍ତି ବା ଭିକ୍ଷା ଗ୍ରହଣ କରିଥାନ୍ତି ସେମାନେ କହିଥାନ୍ତି 'ଅଲେଖ ନିରଁଜନ' ।

ବ୍ୟକ୍ତିଗତ ଜୀବନଧାରାରେ ଦେଖିଲେ ଉଭୟଙ୍କ ଧର୍ମରେ ଥିବା ସାମଞ୍ଜସ୍ୟକୁ ଆଲୋଚକମାନେ ଗ୍ରହଣ ମଧ କରିଥାନ୍ତି । ପ୍ରଥମତଃ କବୀରଙ୍କ ଜନ୍ମସ୍ଥାନ ଭାବେ ଉତ୍ତର ପ୍ରଦେଶର ମଗହର ଓ କାଶୀକୁ କୁହାଯାଇଛି । ଓଡ଼ିଆ କବି ଭୀମଭୋଇଙ୍କ ଜନ୍ମସ୍ଥାନ ଭାବେ ଜଟାସିଂହ ବା ରେଢ଼ାଖୋଲ ( କାଙ୍କଣପଡା) ବୋଲି ମତଭେଦ ରହିଛି । ଦ୍ୱିତୀୟତଃ ମାତା-ପିତା ସଂପର୍କରେ ସେହିପରି ମତଭେଦ ରହିଛି । କେତେକଙ୍କ ମତରେ କବୀର ବିଧବା ବ୍ରାହ୍ମଣ୍ୟର ସନ୍ତାନ ଏବଂ ତାକୁ ଲାଳନ ପାଳନ ଭାର ମୁସଲମାନ ଦମ୍ପତି ନିମା ଓ ନିରୁ କରିଥିଲେ । କେତେକଙ୍କ ମତରେ କବୀରଙ୍କର ସେମାନେ ପ୍ରକୃତ ପିତା – ମାତା ଓ ଜାତିରେ ତନ୍ତୀ ଥିଲେ । ସେହିପରି ଭୀମଭୋଇଙ୍କ ପିତାମାତା ଭାବେ ଆଲୋଚକମାନେ ଗୁରୁବାରୀ

ଓ ଦାନରାଙ୍କୁ ଗ୍ରହଣ କରିଛନ୍ତି । ଦାନରାଙ୍କ ମୃତ୍ୟୁପର ମାତା ଗୁରୁବାରୀ ନିଜର ଦିଅର ଧନେଶ୍ୱରଙ୍କୁ ପୁନର୍ବିବାହ କରିଥିଲେ । ଭୀମଭୋଇ ତାଙ୍କ ରଚନାରେ ଦୁଇ/ତିନୋଟି ସ୍ଥାନରେ ଧନେଶ୍ୱର ନାମ ଗ୍ରହଣ କରିଛନ୍ତି । ଗୋଟିଏ ସ୍ଥାନରେ ପିତୃହରା ବୋଲି କହିଛନ୍ତି । ଅନ୍ୟତ୍ର ମହିମା ଅଲେଖ ଗୋସାଇଁ (ଶୂନ୍ୟପୁରୁଷ- ଆଦିପିତାଙ୍କୁ) ତାଙ୍କର ପିତା ବୋଲି କହିଛନ୍ତି । କେତେକଙ୍କ ମତରେ ଏମାନେ ଥିଲେ ତାଙ୍କର ପାଳିତ ପିତା-ମାତା । କବୀର ବିବାହିତ ଥିଲେ । ତାଙ୍କର ପତ୍ନୀ ଥିଲେ, ପୁତ୍ର ଥିଲେ 'କମାଲ' । ଭୀମ ଭୋଇଙ୍କର ସଙ୍ଗରେ ଥିଲେ ଅନ୍ନପୂର୍ଣ୍ଣା ଏବଂ ପୁତ୍ର ଥିଲେ କପିଳ ଓ କନ୍ୟା ଥିଲେ ଲାବଣ୍ୟବତୀ । ସନ୍ଥ କବୀରଙ୍କର ଉଚ୍ଚାରିତ ବାଣୀ ବିସ୍ମୟକର । ଏକ ସଙ୍ଗରେ ୪ ଜଣ ଶିଷ୍ୟ – ହରିହର ପଣ୍ଡା, ବାସୁଦେବ ପଣ୍ଡା (ଏହି ଦୁଇଙ୍କର ସମାଧି ଖଲିଆପାଲିରେ ରହିଛି, ମାର୍କଣ୍ଡ ଦାଶ, ଓ ଧର୍ମାନନ୍ଦ ଦାଶ । ଉଭୟଙ୍କର ଉପାସନା ମଧ୍ୟ ଅରୂପ, ଅଣାକାର, ନିରାକାର, ମହିମା, ନିରଞ୍ଜୟ । ଭୀମଭୋଇଙ୍କ 'ସ୍ତୁତି ଚିନ୍ତାମଣି' ଓ ମହାତ୍ମା କବୀରଙ୍କ 'ଦୋହାବଳୀ' (ସାଖୀ)ର ସମଧର୍ମ ଉଚ୍ଚାରଣ ।" (କବୀର ଦୋହାବଳୀ- ପୃ.୧୨) କେବଳ ସାହାଯ୍ୟ ବ୍ୟତିକ୍ରମ 'ସ୍ତୁତି ଚିନ୍ତାମଣି' ବୋଲିରେ ଦୁଇ ପାଦରେ ଏକ ପଦ ଓ ଅକ୍ଷର ସଂଖ୍ୟା ପ୍ରତି ପାଦରେ ୨୦ ଅକ୍ଷର ବିଶିଷ୍ଟ ହୋଇଥିବାବେଳେ ଦୋହାଗୁଡ଼ିକ ଦୁଇପାଦରେ ଏକ ପଦ ଓ ଅକ୍ଷର ସଂଖ୍ୟା ଅସମାନ ରହିଛି ।

ଶେଷରେ ଏତିକି କୁହାଯାଇପାରେ ପଞ୍ଚଦଶ ଶତାବ୍ଦୀରେ ଯାବନିକମାନଙ୍କର ଆକ୍ରମଣ ହିନ୍ଦୁ ମନ୍ଦିର ଲୁଣ୍ଠନ, ଅତ୍ୟାଚାର ଓ ଅପହରଣର ଲୀଳା ସାଧାରଣ ସମାଜ ଉପରେ ପଡ଼ିଛି । ସେହିପରି ସାଧାରଣ ଜନସମାଜରେ ନିଜ ନିଜ ମଧ୍ୟରେ ବର୍ଣ୍ଣ ବୈଷମ୍ୟ ତିଆରି ହୋଇସାରି ବ୍ରାହ୍ମଣବାଦର ଉଗ୍ର କର୍ମ - କ୍ରିୟାକାଣ୍ଡ ସାମାଜିକ ମଣିଷ ଜୀବନକୁ ହନ୍ତସନ୍ତ କରିଦେଇଛି । ଊନବିଂଶ ଶତାବ୍ଦୀରେ ଭାରତ ତଥା ଓଡ଼ିଶା ଇଂରେଜ ଶାସନାଧୀନ ହୋଇଛି । ଗଡ଼ଜାତ ସମାଜରେ କନ୍ଧଜାତି ପ୍ରତି ହୀନମନ୍ୟତା ଭାବି ରହିଛି । ଶ୍ରେଣୀବୈଷମ୍ୟ ରହିଛି । ଏପରିକି ବ୍ରାହ୍ମଣଙ୍କ ନିର୍ଦ୍ଦେଶରେ ପରିଚାଳିତ ରାଜାଙ୍କ ଦ୍ୱାରା ମହିମା ଧର୍ମାବଲମ୍ବୀ ଓ ଭୀମଭୋଇ ଏଥିରେ ଉତ୍ପୀଡ଼ିତ ହୋଇଛନ୍ତି । ଉଭୟ ଶତାବ୍ଦୀର ରାଜନୈତିକ ଧାରାରେ ଏଭଳି ପରିସ୍ଥିତି ପାଇଁ ନିର୍ଗୁଣ ଧାରା ଏକ ସ୍ରୋତ / ପ୍ରବାହ ପାଲଟିଛି ସନ୍ଥ କବିମାନଙ୍କ କବିତାରେ କବୀରଙ୍କ ମତରେ –

"ସଗୁନ କୀ ସେବା କରୌ ନିରଗୁନ କା କରୁ ଗିଆନ
ନିରଗୁନ ସଗୁନ କେ ପରେ ତହେଁ ହମାରା ଧିଆନ ।"

(କ. ଦୋ ପୃ-୧୯)

ଭୀମଭୋଇଙ୍କ ମତରେ – ଜୟତୁ ଅଜପ ଅନାମ / ସଗୁଣ ନିର୍ଗୁଣ ସମାନ (ନିବେଦ ସାଧନ)

ଏହିପରି ନିର୍ଗୁଣ ସାହିତ୍ୟରେ ଭକ୍ତି ଓ ଜ୍ଞାନର ଏକ ସମନ୍ୱୟ ଦେଖିବାକୁ ମିଳେ ।

**ସହାୟକ ଗ୍ରନ୍ଥସୂଚୀ**

୧. ଉଦ୍ଗାତା, ଶ୍ରୀନିବାସୀ - କବୀର ଦୋହାବଳୀ (ଗଦ୍ୟଭାଷ୍ୟ); ପଥିକ ପ୍ରକାଶନୀ, ୨୦୧୩, ଭୁବନେଶ୍ୱର ।
୨. ତତ୍ରୈବ – ସ୍ତୁତି ଚିନ୍ତାମଣି (ଗଦ୍ୟଭାଷ୍ୟ) ପଥିକ ପ୍ରକାଶନୀ – ୨୦୧୩, ଭୁବନେଶ୍ୱର ।
୩. ଭୀମଭୋଇ ଗ୍ରନ୍ଥାବଳୀ (ସ୍ତୁତି ଚିନ୍ତାମଣି); ଧର୍ମଗ୍ରନ୍ଥ ଷ୍ଟୋର, କଟକ
୪. ଦ୍ୱିବେଦୀ, ହଜାରୀ ପ୍ରସାଦ – କବୀର; ରାଜକମଲ ପ୍ରକାଶନ ନୂଆଦିଲ୍ଲୀ ।